

# ଭୁବନେଶ୍ୱର ସିଟି

**ଇଡି ଅଫିସର୍ କହି ଠକିବା ମାମଲା**

## ଝାଡ଼ଖଣ୍ଡରେ ବି ଠକିଥିଲେ ଦୁଇ ଭାଇ

ଭୁବନେଶ୍ୱର, ୨୧।୩(ସମିସ)

ନିଜକୁ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଅଧିକାରୀ କହି ଠକେଇ କରି ଗିରଫ ହୋଇଥିବା ଦୁଇ ଭାଇ ତାରିଣୀ ସେନ ମହାପାତ୍ର ଓ ବ୍ରହ୍ମଶଙ୍କର ମହାପାତ୍ରଙ୍କ ଠକେଇ ତାଲିକା ବଢୁଛି। ଓଡ଼ିଶା ପରେ ସେମାନେ ଝାଡ଼ଖଣ୍ଡ ଏବଂ ରାଞ୍ଚିରେ ଅନେକ ସରକାରୀ ବାବୁଙ୍କୁ ଚୂନ ଲଗାଇଛନ୍ତି। କେବଳ ସରକାରୀ ଅଫିସର୍ ନୁହନ୍ତି, ଅନେକ ଠିକାଦାର ଏବଂ ପୁଲିସକୁ ମଧ୍ୟ ଚୂନ ଲଗାଇଛନ୍ତି। ପ୍ରାଥମିକ ତଦନ୍ତରୁ ଏସ୍‌ଟିଏଫ୍ ଏଭଳି ତଥ୍ୟ ପାଇବା ପରେ ଆଶ୍ଚର୍ଯ୍ୟ ହୋଇଯାଇଛି। ତେଣୁ ଦୁଇ ଭାଇଙ୍କ ନାଁରେ ଥିବା ମାମଲା ଏବଂ ଅନ୍ୟାନ୍ୟ କାରନାମା ସମ୍ପର୍କରେ ଜଣାଇବାକୁ ଝାଡ଼ଖଣ୍ଡ ପୁଲିସକୁ ଚିଠି ଲେଖିଛି ଏସ୍‌ଟିଏଫ୍। ଖୁବ୍‌ଶୀଘ୍ର ତଦନ୍ତ ଅଧିକାରୀ ଝାଡ଼ଖଣ୍ଡ ଯାଇ ଖୋଳତାଡ଼ କରିବ। ଆବଶ୍ୟକ ପଡ଼ିଲେ ଝାଡ଼ଖଣ୍ଡ ପୁଲିସ ଆସି ଦୁଇ ଭାଇଙ୍କୁ ପଚରାଉଚରା କରିବ। ଆହୁରି ମଧ୍ୟ ଦୁଇ ଭାଇଙ୍କ କମ୍ପ୍ୟୁଟର ଏବଂ ଲାପଟପ୍‌କୁ ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଯାଇଥିଲା। ସେଠାରୁ ଏହାର ରିପୋର୍ଟ ଆସିଛି। ଲାପଟପ୍‌ରେ ଏକାଧିକ ଜାଲ୍ ଦସ୍ତାବିଜ୍ ଏବଂ ନକଲି ଆଇ କାର୍ଡ ମିଳିଛି। ଆହୁରି ମଧ୍ୟ କିଛି ବ୍ୟକ୍ତିଙ୍କ ନାମ ଏବଂ ସେମାନେ ଦେଇଥିବା ଟଙ୍କା ମଧ୍ୟ ଉଲ୍ଲେଖ ରହିଛି। ତେଣୁ ଆଗାମୀ ଦିନରେ ପୁଲିସ ସେମାନଙ୍କୁ ପଚରାଉଚରା କରିବ। ଦୁଇ ଭାଇଙ୍କ ୫ଟି ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ୍ କରାଯାଇଛି। ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହନ୍ତ ଜାଣିବା ପରେ ଏସ୍‌ଟିଏଫ୍‌ରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଏସ୍‌ଟିଏଫ୍ ମାମଲା ରୁଜୁକରି ଉପଜିଲ୍ଲାପାଳଙ୍କୁ ଆସିଥିବା ଫୋନ୍ କଲ୍‌କୁ ଟ୍ରାକିଂ କରି ଢେଙ୍କାନାଳରୁ ଦୁଇ ଭାଇଙ୍କୁ ଗିରଫ କରାଯାଇଥିଲା। ବିଳାସପୂର୍ଣ୍ଣ ଜୀବନଯାପନ ପାଇଁ ଦୁଇ ଭାଇ ଠକେଇ ରାସ୍ତାକୁ ଆପଣାଇଥିଲେ। ସେମାନେ ସରକାରୀ ଅଫିସରଙ୍କୁ ଠକିବା ପାଇଁ ଯୋଜନା କରିଥିଲେ। ବିଶେଷ କରି ତହସିଲଦାର, ଜିଲ୍ଲାପାଳ, ଉପଜିଲ୍ଲାପାଳ, ଆର୍‌ଟିଓ, ଜେଇ ଏବଂ ଅନ୍ୟାନ୍ୟ ସରକାରୀ ଅଫିସରଙ୍କୁ ଠକିବା ପାଇଁ ଯୋଜନା କରିଥିଲେ। ନିକଟରେ ଇଡି ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ନେଇ ଖବର କାଗଜ ଏବଂ ଟିଭିରେ ପ୍ରସାରଣ ହେଉଛି। ତେଣୁ ଦୁଇ ଭାଇ ଏହି ଇଡି ଖବରକୁ ଗୁରୁତର ସହ ଦେଖନ୍ତି ଏବଂ ଖବରକାଗଜରେ ବାହାରିଥିବା ଆର୍ଟିକିଲ୍‌କୁ କାଟି ରଖନ୍ତି। ତେଣୁ ଶେଷରେ ସେମାନେ ଇଡି ଅଫିସ୍‌ର କହି ଠକେଇ କରିବା ପାଇଁ ସ୍ଥିର କରି ଠକେଇ କରୁଥିଲେ।

**ଝାଡ଼ଖଣ୍ଡ ପୁଲିସକୁ ଚିଠି ଲେଖିଲା ଏସ୍‌ଟିଏଫ୍**

## ଆଉ ଚାଲିବନି ରୋମିଓଗିରି

ଭୁବନେଶ୍ୱର, ୨୧।୩(ସମିସ)



**ଯୁବତୀଙ୍କୁ ବାଟରେ ହଇରାଣ କଲେ ମାଡ଼ିବସିବ ପୁଲିସ**

**ସହରରେ ସୁରକ୍ଷିତ ଭାବେ ଯାତାୟତ କରିବେ ଯୁବତୀ**

**ଗଠନ ହେଲା ଆଣ୍ଟି ଏଭ୍ ଟିଜିଂ ସ୍କ୍ୱାଡ୍**

ଏଥର ସହରରେ ସାବାଡ଼ ହେବେ ରୋଡ ରୋମିଓ। ବାଟରେ ଯାଉଥିବା ଯୁବତୀଙ୍କୁ ହଇରାଣ କଲେ ସିଧା ବାନ୍ଧିବ ପୁଲିସ। କଲେଜ ପଢୁଆ ଯୁବତୀ ହୁଅନ୍ତୁ ଅବା ସ୍କୁଲ ଛାତ୍ରୀ; ଏଣିକି ସେମାନଙ୍କୁ ବାଟରେ ଘାଟରେ କି ଅଫିସ ଭିତରେ ହଇରାଣ କଲେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେଫ୍ ସିଟି ଡ୍ରାଇଭ୍ ଭଳି ଏଥର ସାଦା ବେଶରେ ବୁଲିବେ ଆଣ୍ଟି ଏଭ୍ ଟିଜିଂ ସ୍କ୍ୱାଡ୍। ଏନେଇ କମିସନରେଟ୍ ପୁଲିସ ଅଫିସରେ ଏନେଇ ସ୍କ୍ୱାଡ୍‌ର ସଦସ୍ୟଙ୍କୁ ଦିଆଯାଇଛି ତାଲିମ। ଏନେଇ ଜଣେ ଏସିପିଙ୍କ ନେତୃତ୍ୱରେ ଜଣେ ଆଇଆଇସି ଓ ଦୁଇ ଜଣ ଏସ୍‌ଆଇ ଓ କିଛି ୧୦ରୁ ଅଧିକ ମହିଳା କନଷ୍ଟେବଳ ସହ ଗଠନ ହୋଇଛି ସ୍ୱତନ୍ତ୍ର ଟିମ। ଯେଉଁମାନେ ଏଥର ବିଶେଷ କରି ମହିଳା କଲେଜ ବା ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ବା ମାର୍କେଟ ଏରିଆ ଓ ବିଭିନ୍ନ ସପିଙ୍ଗ୍‌ମଲ ବା ଫିଲ୍ମ ହଲ ବା ଭିଡ଼ ଅଞ୍ଚଳରେ ଏମାନେ ସାଦା ପୋଷାକରେ ବୁଲିବେ ଓ ପାଟ୍ରୋଲିଂ କରିବେ। କୌଣସି ଝିଅ ବା ଯୁବତୀ ଓ ମହିଳା ସହ କୌଣସି ଅସ୍ୱାଭାବିକ ପରିସ୍ଥିତି ଉପୁଜିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏନେଇ ଆଣ୍ଟି ଏଭ ଟିଜିଂ ସ୍କ୍ୱାଡକୁ ପୂରା ଆକ୍ଟିଭ ମୋଡରେ ସହରରେ ବିଚରଣ ପାଇଁ ଯୋଜନା କରାଯାଇଛି। ଅଫିସରମାନଙ୍କୁ ଏ ନେଇ ତାଲିମ ମଧ୍ୟ ଦିଆଯାଇଛି। ଏଥିରେ କିଛି ମହିଳା କନଷ୍ଟେବଲଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ସେମାନଙ୍କ ଦକ୍ଷତା ଭିତ୍ତିରେ ଏହି ଟିମ୍‌ରେ ସାମିଲ କରଯାଇଛି। ଯେଉଁମାନେ କି ଯେକୌଣସି ପରିସ୍ଥିତିରେ ଜଣେ ଅମାନିଆଙ୍କୁ କାବୁ କରିବା ଭଳି କ୍ଷମତା ବା ମାନସିକତାର ତାଲିମ ଦିଆଯାଇଛି। ଏହି ଟିମ୍ ଭୁବନେଶ୍ୱରର ବିଭିନ୍ନ କଲେଜର ଛାତ୍ରୀ, ମହିଳା ଅଧ୍ୟାପିକା ବା ଶିକ୍ଷୟିତ୍ରୀଙ୍କ ଯୋଗାଯୋଗରେ ରହିବେ। ସେହିପରି ବିଭିନ୍ନ କର୍ପୋରେଟ୍ ହାଉସ ହେଉ ବା ବିଭିନ୍ନ ଅଫିସରେ ୧୦ରୁ ଅଧିକ ମହିଳା କାମ କରୁଥିବା ଅଫିସର ଏଚ୍‌ଆର ବା ଇଣ୍ଟର୍‌ନାଲ କମ୍ପ୍ଲେନ କମିଟିର ମେମ୍ବରଙ୍କ ସହ ଯୋଗାଯୋଗରେ ରହିବେ। ବିଭିନ୍ନ ଛାତ୍ରୀନିବାସ ବା ୱାର୍କିଂ ଲେଡି ହଷ୍ଟେଲ ବା ବିଭିନ୍ନ ଏନ୍‌ଜିଓ ସହ ମଧ୍ୟ ଯୋଗାଯୋଗରେ ରହିବେ। କୌଣସି ସ୍ଥାନରେ କେଉଁ ମହିଳା ସହ କିଛି ଦୁର୍ଘଟଣା ବା କୌଣସି ଅତ୍ୟାଚାରଜନିତ ଘଟଣା ଘଟିଲେ ଏହି ଟିମ୍ ତୁରନ୍ତ ଆକ୍ସନ ମୋଡରେ କାମ କରିବ।

ଏନେଇ ପୁଲିସ କମିସନର ସଞ୍ଜୀବ ପଣ୍ଡା କହିଛନ୍ତି, ପ୍ରଥମେ ଟିମ୍ ଏନେଇ କାମ କରନ୍ତୁ ପରେ ଦେଖିବା ଏହାର ସଫଳତା। ଏଥିପାଇଁ ପୂର୍ବରୁ ୨୦୧୯ ମସିହା ଡିସେମ୍ବର ୧୬ରେ ତତ୍କାଳୀନ ପୁଲିସ କମିସନର୍ ସୁଧାଂଶୁ ଷଡ଼ଙ୍ଗୀ ଏକ ଟିମ୍ ଗଠନ କରିଥିଲେ। ପୂର୍ବତନ ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସମୟରେ ମଧ୍ୟ ଏହାକୁ ବ୍ୟାପକ କରାଯାଇଥିଲା। ଏବେ ଏହାକୁ ଏକ ନୂଆ ରୂପରେ ଏକ ସ୍ୱତନ୍ତ୍ର ପୁଲିସ ଟିମର ତତ୍ତ୍ୱାବଧାନରେ ଏହାକୁ ନୂଆ ଢଙ୍ଗରେ କାର୍ଯ୍ୟକ୍ଷମ ପାଇଁ ପ୍ରୟାସ କରାଯାଉଛି। ତେବେ ଉତ୍ତରପ୍ରଦେଶ ଓ ଗୁଜୁରାଟ ଭଳି ଅନେକ ସହରରେ ପୁଲିସ ମଧ୍ୟ ଏନେଇ ଆଣ୍ଟି ଏଭ ଟିଜିଂ ସ୍କ୍ୱାଡ୍ କରି ମହିଳା ସୁରକ୍ଷା ଦିଗରେ କାମ କରୁଥିବାର ନଜିର ରହିଛି।

## ଦିନକରେ ୩ ଚୋରଙ୍କୁ ଜେଲ୍








ଭୁବନେଶ୍ୱର, ୨୧।୩ (ସମିସ)

ଭୁବନେଶ୍ୱରସ୍ଥିତ ପ୍ରଥମ ଶ୍ରେଣୀ ବିଚାରପତି-୫ର ବିଚାରପତି ସବ୍ୟସାଚୀ ପଣ୍ଡା ଓ ପ୍ରଥମ ଶ୍ରେଣୀ ବିଚାରପତି-୨ ର ବିଚାରପତି ଗିରିଶ ଚନ୍ଦ୍ର ମୁଦୁଲି ଦୁଇଟି ମାମଲାର ବିଚାର କରି ୩ ଜଣ ଚୋରଙ୍କୁ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଗାଧୁଆଘର ଟ୍ୟାପ୍ ଚୋରି ମାମଲାରେ ବିଶ୍ୱଜିତ ବେହେରା ଓରଫ୍ ବାପିକୁ ଏକ ବର୍ଷ ଏବଂ ମଟରସାଇକଲ ଚୋରି ମାମଲାରେ ସୁନିଲ କୁମାର ମଲ୍ଲ ଓ ପ୍ରଶାନ୍ତ କୁମାର ଭୋଇଙ୍କୁ ୨ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଖଣ୍ଡଗିରି ଧର୍ମ ବିହାରରେ ଥିବା ଅଜୟ ସାହୁଙ୍କ ଅଫିସରୁ ଗତବର୍ଷ ମାର୍ଚ୍ଚ ୨୪ ତାରିଖରେ ଗାଧୁଆଘର ଟ୍ୟାପ୍ ଚୋରି ହୋଇଥିଲା। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ-୧୭୪/୨୦୨୩ ରେ ଦଫା- ୪୫୪/୩୮୦ ଆଇପିସିରେ ଏକ ମାମଲା ରୁଜୁ କରାଯିବା ସହିତ ଏସ୍‌ଆଇ ଅମୂଲ୍ୟ ପ୍ରଧାନଙ୍କୁ ତଦନ୍ତ ଭାର ଦିଆଯାଇଥିଲା। ଶ୍ରୀ ପ୍ରଧାନ ଅଭିଯୁକ୍ତ ବିଶ୍ୱଜିତକୁ ଗିରଫ କରିବା ସହ ତା ନିକଟରୁ ଚୋରି ସାମଗ୍ରୀ ଜବତ କରିଥିଲେ। ଏହି ମାମଲାରେ ଅଦାଲତ ସାକ୍ଷୀମାନଙ୍କ ବୟାନ ରେକର୍ଡ କରି ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଅଦାଲତ ବିଶ୍ୱଜିତକୁ ଦଫା-୪୫୪ରେ ୧ ବର୍ଷର ସଶ୍ରମ କାରାଦଣ୍ଡ ସହ ଏକ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ଏକ ମାସ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ସେହିପରି ଦଫା-୩୮୦ରେ ୬ ମାସର କାରାଦଣ୍ଡ ସହ ଏକ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ଏକ ମାସର ଦଣ୍ଡ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସେକ୍ୟୁଟର୍ ନିରଞ୍ଜନ ବେହେରା ମାମଲାଟିକୁ ପରିଚାଳନା କରୁଥିଲେ ।

ସେହିପରି ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଥରଗାଡ଼ିଆର କୃଷ୍ଣଚନ୍ଦ୍ର ବେହେରା ଗତ ନଭେମ୍ବର ମାସ ୨୨ ତାରିଖରେ ତାଙ୍କ ମଟରସାଇକଲଟିକୁ ଘର ପାର୍କିଂରେ ରଖିଥିଲେ। ସୁନିଲ ଓ ପ୍ରଶାନ୍ତ ବିଳମ୍ବିତ ରାତିରେ ମଟରସାଇକଲଟିକୁ ଚୋରି କରି ନେଇଥିଲେ। ଏନେଇ ଶ୍ରୀ ବେହେରା ଇନ୍‌ଫୋସିଟି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ପକ୍ଷରୁ କେସ ନଂ-୩୮୭/୨୦୨୩ ଦଫା- ୩୭୯/୩୪ ଆଇପିସିରେ ଏକ ମାମଲା ରୁଜୁ କରାଯାଇ ବେଳେ ଏସ୍‌ଆଇ ଚନ୍ଦନ କୁମାର ଗିରିଙ୍କୁ ତଦନ୍ତ ଭାର ଦିଆଯାଇଥିଲା। ଶ୍ରୀ ଗିରି ଏହି ମାମଲାର ତଦନ୍ତ କରିବା ସହିତ ଅଭିଯୁକ୍ତ ସୁନିଲ କୁମାର ମଲ୍ଲ ଓ ପ୍ରଶାନ୍ତ କୁମାର ଭୋଇକୁ ଗିରଫ କରି ସେମାନଙ୍କ ନିକଟରୁ ଚୋରି ମଟରସାଇକଲ୍ ଜବତ କରିଥିଲେ। ଅଦାଲତ ୮ ଜଣ ସାକ୍ଷୀ ବୟାନ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ସୁନିଲ ଓ ପ୍ରଶାନ୍ତକୁ ଦଫା-୩୭୯/୩୪ ଆଇପିସିରେ ୨ବର୍ଷର ଜେଲ୍ ଦଣ୍ଡ ଶୁଣାଇଛନ୍ତି। ସହକାରୀ ପବ୍ଲିକ ପ୍ରୋସେକ୍ୟୁଟର୍ ଗଞ୍ଜନ ଶବର ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

## ପ୍ରତାରଣା ଅଭିଯୋଗରେ ପ୍ରେମିକ ଗିରଫ



**୨.୭ ଲକ୍ଷ ଆତ୍ମସାତ ପରେ ଗର୍ଭନଷ୍ଟ ପାଇଁ ଦେଇଥିଲା ଧମକ୍**

ଭୁବନେଶ୍ୱର, ୨୧।୩ (ସମିସ): ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଓଡ଼ଗାଁ ଥାନା ତୋଡ଼ିଗାଡ଼ିଆ ଅଞ୍ଚଳର ସୁକାନ୍ତ କୁମାର ନାୟକ (୪୨)। ପୁଲିସ ସୂଚନା ଅନୁସାରେ, ପୀଡ଼ିତା ସିଭିଲ୍ ପରୀକ୍ଷା ପାଇଁ ଭୁବନେଶ୍ୱରରେ ରହି ପ୍ରସ୍ତୁତ ହେଉଥିବାବେଳେ ସୁକାନ୍ତ ତାଙ୍କୁ ଚାକିରି ଯୋଗାଇଦେବାକୁ ଆଳରେ ସଂସ୍ପର୍ଶରେ ଆସିଥିଲା। ଏହା ପରେ ପୀଡ଼ିତାଙ୍କ ନିକଟତର ହେବା ସହିତ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ସୁକାନ୍ତ ଏହାରି ଭିତରେ ଯୁବତୀଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ୨ ଲକ୍ଷ ୭୦ ହଜାର ଟଙ୍କା ନେଇଥିଲା। ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ମନରେ ବିଶ୍ୱାସ ଜନ୍ମାଇବା ସହ ତାଙ୍କ ଇଚ୍ଛା ବିରୁଦ୍ଧରେ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲା। ପୀଡ଼ିତା ଗର୍ଭବତୀ ହେବା ନେଇ ଜାଣିବା ପରେ ସୁକାନ୍ତ ତାଙ୍କୁ ବିବାହ କରିବାକୁ ମନା କରିଥିଲା। ଏଥିସହିତ ତାଙ୍କୁ ଧମକ ଦେଇ ଗର୍ଭ ନଷ୍ଟ କରିବାକୁ କହିଥିଲା। ସବୁ ଆଡୁ ନିରାଶ ହେବାପରେ ପୀଡ଼ିତା କ୍ୟାପିଟାଲ୍ ଥାନାରେ ଅଭିଯୋଗ କରିଥିଲେ। ସୁକାନ୍ତ ଓ ତା'ର ଭାଇ ଓ ଅନ୍ୟ ଜଣେ ସହଯୋଗୀଙ୍କ ସହିତ ପୀଡ଼ିତାଙ୍କ ଠାରୁ ନେଇଥିବା ଟଙ୍କାକୁ ଆତ୍ମସାତ କରିଥିବା ନେଇ ସେ ଏତଲାରେ ଦର୍ଶାଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ତଦନ୍ତ କରୁଥିଲା। ଗୁରୁବାର କ୍ୟାପିଟାଲ୍ ଥାନା ପୁଲିସ ସୁକାନ୍ତକୁ ଗିରଫକରି କୋର୍ଟ ଚାଲାଣ କରିଛି।

## ଶଳାର ମାଡ଼ରେ ଭିଣୋଇ ମୃତ

**ପତ୍ନୀଙ୍କ ସହ ଝଗଡ଼ା କରିଥିଲେ ଭିଣୋଇ**

ଭୁବନେଶ୍ୱର, ୨୧।୩(ସମିସ): ମଞ୍ଚେଶ୍ୱର ଥାନା କଳାରାହାଙ୍ଗ ଜେନା ସାହିରେ ଶଳାର ବିଧା ଗୋଇଠା ମାଡ଼ରେ ଭିଣୋଇ ବାବାଜୀ ବେହେରାଙ୍କ ମୃତ୍ୟୁ ଘଟିଛି। ଏନେଇ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ୍ ହସ୍ପିଟାଲକୁ ପଠାଇ ଦେଇଛି। ଏନେଇ ଥାନାରେ ହତ୍ୟା ଅଭିଯୋଗ ହେବା ପରେ ପୁଲିସ ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ବାବାଜୀ ବେହେରା କଳାରାହାଙ୍ଗ ଜେନା ସାହିରେ ରହିବା ସହ ମୂଲଲାଗି ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ଯାହା ଟଙ୍କା ରୋଜଗାର କରନ୍ତି ସେଥିରେ ନିଶାସେବନ କରୁଥିଲେ। ସେ ନନ୍ଦନକାନନ ଥାନା କଲ୍ୟାଣପୁର ପଞ୍ଚାୟତ ବେଣାଗାଡ଼ିଆରେ କିଛିବର୍ଷ ତଳେ ବିବାହ କରିଥଲେ। ତାଙ୍କର ଏକ ଦୁଇବର୍ଷର ପୁତ୍ର ସନ୍ତାନ ଅଛି। ଅଧିକାଂଶ ସମୟରେ ସେ ନିଶାସକ୍ତ ହୋଇ ସ୍ତ୍ରୀଙ୍କୁ ମାରପିଟ୍ କରନ୍ତି। ବୁଧବାର ମଧ୍ୟ ବାବାଜୀ ତାଙ୍କ ସ୍ତ୍ରୀଙ୍କୁ ମାରପିଟ୍ ଗାଳିଗୁଲଜ କରିଥିଲେ। ଏଥିରେ ଅତିଷ୍ଠ ହୋଇ ତାଙ୍କ ସ୍ତ୍ରୀ ବାପ ଘରକୁ ଖବର ଦେଇଥିଲେ। ବୁଧବାର ସନ୍ଧ୍ୟାରେ ବାବାଜୀଙ୍କର ଶଳା ଆସି ତାଙ୍କ ସହ ଝଗଡ଼ା କରିବା ସହ ମାରପିଟ୍ କରିଥିଲେ। ଶଳାର ବିଧା ଗୋଇଠାରେ ବାବାଜୀ ଅଚେତ ହୋଇ ପଡ଼ିଥିଲା। ଏହା ପରେ ଶଳା ସେଠାରୁ ପଳାଇଥିଲେ। ଏହି ଘଟଣା ବିଷୟରେ ମଞ୍ଚେଶ୍ୱର ପୁଲିସ ଖବର ପାଇ ଅସି ପହଞ୍ଚି ବାବାଜୀକୁ ହସ୍ପିଟାଲ ନେଇଥିଲା। ସେଠାରେ ବାବାଜୀର ମୃତ୍ୟୁ ହୋଇଯାଇଥିବା ଜଣା ପଡ଼ିଥିଲା। ଏନେଇ ପୁଲିସ ଶଳାକୁ ଅଟକ ରଖି ତଦନ୍ତ କରୁଛି।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ଭୁବନେଶ୍ୱର, ୨୧।୩(ସମିସ): ମଞ୍ଚେଶ୍ୱର ଥାନା ୧୧୨ ଅଫିସ ସମ୍ମୁଖରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ୍ ଚାଳକ ହେଲେ ଅସ୍ତରଙ୍ଗ, ମଧୁପୁରର ଗଙ୍ଗାଧର ସେନାପତି। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଖବର ପାଇ ପୁଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ପୁଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ବାଇକ୍ ଚାଳକ ଜଣକ ମଞ୍ଚେଶ୍ୱର ଥାନାପଟରୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳକୁ ଭିତରକୁ ଯାଉଥିଲେ। ଏହି ସମୟରେ ପଛରୁ ଯାଉଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି ଲୋକେ ଅଭିଯୋଗ କରିଥିଲେ।

## ସାଧାରଣ ନିର୍ବାଚନ ଲାଗି କସରତ

ଭୁବନେଶ୍ୱର, ୨୧।୩(ସମିସ)

**ବଢ଼ିଲା ଏନ୍‌ଫୋର୍ସମେଣ୍ଟ; ବଢ଼ିବ ନିଶାଦ୍ରବ୍ୟ ଜବତ**

**ଅସ୍ଥାୟୀ ମାଲ୍‌ଖାନା କରିବା ଲାଗି ପ୍ରକ୍ରିୟା**

**ନିଶା ବିରୋଧରେ ଧରପଗଡ଼ କରିବେ ସ୍ୱତନ୍ତ୍ର ଟିମ୍**

ରାଜ୍ୟରେ ନିର୍ବାଚନ ତାରିଖ ଘୋଷଣା ହେବା ପରେ ସାଧାରଣ ନିର୍ବାଚନ ଲାଗି କସ୍‌ରତ ଆରମ୍ଭ ହୋଇଗଲାଣି। ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ମୁକ୍ତ ଭାବେ ପରିଚାଳନା ଲାଗି ଗୁରୁତ୍ୱ ଦିଆଯାଉଛି। ନିର୍ବାଚନ ସମୟରେ ନିଶା ବିଗାଡ଼ିପାରେ ରାଜଧାନୀର ସ୍ଥିତି। ନିଶା କାରବାର ରୋକିବା ଲାଗି ଏନ୍‌ଫୋର୍ସମେଣ୍ଟକୁ ପ୍ରାଧାନ୍ୟ ଦିଆଯାଉଛି। ଏନ୍‌ଫୋର୍ସମେଣ୍ଟ ସଂସ୍ଥାଗୁଡ଼ିକ ନିଶା ବିରୋଧରେ କଠୋର ଆଭିମୁଖ୍ୟ ଆରମ୍ଭ କରି ଦେଲେଣି। ଏହିକ୍ରମରେ ଭୁବନେଶ୍ୱରରେ ବି ନିଶା କାରବାର ବିରୋଧରେ ଧରପଗଡ଼ ଜୋର୍‌ଦାର କରାଗଲାଣି। କମିସନରେଟ୍ ପୁଲିସ, ଅବକାରୀ ବିଭାଗ ସହ ଏସ୍‌ଟିଏଫ୍ ପକ୍ଷରୁ ମିଳିତ ଭାବେ ଏନ୍‌ଫୋର୍ସମେଣ୍ଟ କରାଯାଉଛି। ଚଢ଼ଉକୁ ଜୋର୍‌ଦାର କରାଯାଉଥିବାରୁ ନିଶାଦ୍ରବ୍ୟ ଜବତ ପରିମାଣ ବି ବଢ଼ିଛି।

ରାଜଧାନୀରୁ ବ୍ରାଉନ୍‌ସୁଗର, ଗଞ୍ଜେଇ ସହ ଅନ୍ୟ ନିଶାଦ୍ରବ୍ୟ ବି ଜବତ କରାଯାଉଛି। ଚଳିତମାସ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ସହ ୨୦୦ ଗ୍ରାମ୍‌ରୁ ଅଧିକ ବ୍ରାଉନ୍‌ସୁଗର ଜବତ ଭୁବନେଶ୍ୱର ଥିବା ବିଭିନ୍ନ ବସ୍ତିଗୁଡ଼ିକରେ ଦେଶୀ ମଦର ଭାଟି ଖୋଲିଛି। ଚଳିତବର୍ଷ ପ୍ରାୟ ୫୦ ଲକ୍ଷ ଲିଟର ଦେଶୀ ମଦ ଜବତ କରାଗଲାଣି। ଏତେ ପରିମାଣର ନିଶାଦ୍ରବ୍ୟକୁ ନେଇ ମାଲ୍‌ଖାନାରେ ରଖାଯାଉଛି। କିନ୍ତୁ ଦେଶୀ ଓ ବିଦେଶୀ ମଦକୁ ନଷ୍ଟ କରିଦିଆଯାଉଛି। ରାଜଧାନୀରେ ନିଶା ଜବତ ସଂଖ୍ୟା ବଢୁଥିବାରୁ ମାଲ୍‌ଖାନା ଉଚ୍ଛୁଳିବାର ଆଶଙ୍କା ରହିଛି। ତେଣୁ ଭୁବନେଶ୍ୱର ସହରାଞ୍ଚଳରେ ଅସ୍ଥାୟୀଭାବେ ମାଲ୍‌ଖାନା କରିବା ଲାଗି ଯୋଜନା କରାଯାଉଛି। ସେଭଳି ନିଶା ବିରୋଧରେ ସ୍ୱତନ୍ତ୍ର ଧରପଗଡ଼ ଲାଗି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏଥିରେ କମିସନରେଟ୍ ପୁଲିସ, ଅବକାରୀ, ବିଏମ୍‌ସି ଓ ଜିଲ୍ଲା ପ୍ରଶାସନର ଜଣେ ଲେଖାଏଁ ଅଧିକାରଙ୍କୁ ନେଇ ଟିମ୍ ଗଠନ ହୋଇଛି। ଏହି ଟିମ୍ ସ୍ୱତନ୍ତ୍ର ଭାବେ ନିଶା ବିରୋଧରେ ଧରପଗଡ଼ କରିବେ।

### ଆଇନ୍ ଫାନ୍ଦରେ ନିଶା ମାଫିଆ

ବ୍ରାଉନ୍‌ସୁଗର କାରବାରକୁ ବ୍ୟବସାୟିକ, ମଧ୍ୟମ ଓ ସ୍ୱଳ୍ପ ପରିମାଣ ଭଳି ୩ଟି ଶ୍ରେଣୀରେ ବିଭକ୍ତ ହୋଇଛି। ବାଣିଜ୍ୟକ କାରବାର କରୁଥିବା ନିଶା ବେପାରୀଙ୍କ ଠାରୁ ୨୫୦ଗ୍ରାମ୍‌ରୁ ଅଧିକ ବ୍ରାଉନ୍‌ସୁଗର ଧରାପଡ଼ିଲେ ୧୦ରୁ ୨୦ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ସହ ଜରିମାନା ପ୍ରାବଧାନ ରହିଛି। ମଧ୍ୟମ ଧରଣର ୫ରୁ ୨୫୦ ଗ୍ରାମର ବ୍ରାଉନସୁଗର କାରବାର କରୁଥିବା ବେପାରୀ ଧରାପଡ଼ିଲେ ୧୦ ବର୍ଷ ଯାଏଁ କାରାଦଣ୍ଡ ସହ ଜରିମାନା ରାଶି ଦେବାକୁ ପଡ଼ିବ। ଆଉ ସ୍ୱଳ୍ପଧରଣ ବା ୫ ଗ୍ରାମ୍‌ରୁ କମ୍ ବ୍ରାଉନ୍‌ସୁଗର ବିକ୍ରି କିମ୍ବା ସେବନ କରୁଥିବା ଧରାପଡ଼ିଲେ ବର୍ଷେ ପର୍ଯ୍ୟନ୍ତ ଜେଲଦଣ୍ଡ ସହ ଜରିମାନା ଗଣିବାର ପ୍ରାବଧାନ ରହିଛି।

### ୫୦ କୋଟିର ନିଶାଦ୍ରବ୍ୟ ନଷ୍ଟ

ଗଲାବର୍ଷ ରାଜ୍ୟରେ ୩୯ କିଲୋ ବ୍ରାଉନସୁଗର ଓ ୮୦ କ୍ୱିଣ୍ଟାଲ ଗଞ୍ଜେଇକୁ ପୋଡ଼ି ନଷ୍ଟ କରାଯାଇଥିଲା। ରାଜ୍ୟର ସୁନ୍ଦରଗଡ଼ର ବଣ୍ଡମା, ଖୋର୍ଦ୍ଧାର ଡାଙ୍ଗିରିପଡ଼ା, ଗଞ୍ଜାମର ଶେରଗଡ଼, ଅନୁଗୋଳର ଦାମନଯୋଡ଼ିରେ ଲାଗିଥିବା ଇନ୍‌ସିନାରେଟ୍‌ର୍ସ ମେସିନ୍‌ରେ ନିଶାଦ୍ରବ୍ୟକୁ ପକାଇ ନଷ୍ଟ କରାଯାଉଛି। ଏମିତିକି ବିଭିନ୍ନ ଜିଲ୍ଲାରେ ନିଶାଦ୍ରବ୍ୟ ନଷ୍ଟ ସମୟରେ ଏସ୍‌ଟିଏଫ୍ ଏସ୍‌ପିଙ୍କ ସମେତ ଜିଲ୍ଲା ଏସ୍‌ପି, ଜିଲ୍ଲାପାଳ, ଅବକାରୀ ଅଧୀକ୍ଷକ, ରାଜ୍ୟ ଫୋରେନ୍‌ସିକ ଲାବୋରେଟୋରୀର ଅଧିକାରୀ ଓ ରାଜ୍ୟ ପ୍ରଦୂଷଣ ବୋର୍ଡର ସଦସ୍ୟଙ୍କ ଉପସ୍ଥିତିରେ ନିଶାଦ୍ରବ୍ୟ ପୋଡ଼ି ନଷ୍ଟ କରି ଦିଆଯାଉଛି।

### ପ୍ରକ୍ରିୟା ଆରମ୍ଭ କରିବାକୁ ଲାଗିଥିଲା ୬ ବର୍ଷ

ଏକ ନିଶାଦ୍ରବ୍ୟ ଜବତ ମାମଲାରେ ୨୦୧୬ ଜାନୁଆରୀ ୨୮ ରେ ସୁପ୍ରିମକୋର୍ଟ ରାୟ ପ୍ରକାଶ କରି ଟ୍ରାଏଲ ପୂର୍ବରୁ ନିଶାଦ୍ରବ୍ୟ ନଷ୍ଟ କରିପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କିଛି ବ୍ୟବସ୍ଥାରେ ତ୍ରୁଟି ପାଇଁ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ଏଥିଲାଗି ଏସ୍‌ଟିଏଫ୍ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ୨୦୨୨ ଜାନୁଆରୀ ୩୧ରେ ହାଇକୋର୍ଟ ରାୟ ପ୍ରକାଶ କରି ନିଶାଦ୍ରବ୍ୟ ନଷ୍ଟ କରିବାକୁ ଏକ ଏସ୍‌ଓପି ଜାରି କରିଥିଲେ। ଉକ୍ତ ଏସ୍‌ଓପିକୁ ପାଳନ କରି ଟ୍ରାଏଲ ପୂର୍ବରୁ ନିଶାଦ୍ରବ୍ୟ ନଷ୍ଟ କରିବାକୁ ପୁଲିସକୁ ଅନୁମତି ଦେବା ଲାଗି ତାଳ କୋର୍ଟକୁ ନିର୍ଦ୍ଦେଶ ଦେଇଥିଲେ।


**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କୃଷ୍ଣପ୍ରୀୟା ମିଶ୍ର**

ଆବିର୍ଭାବ: ୦୯.୦୮.୧୯୪୪ | ତିରୋଧାନ: ୧୭.୦୩.୨୦୨୨

ତିଥିରେ ଆଜିକୁ ଦୁଇ ବର୍ଷ ର ତୋର ଆବର୍ତ୍ତମାନର ଦୁଃଖ ଯନ୍ତ୍ରଣା ଆମକୁ ଆନ୍ଦୋଳିତ କରୁଛି । ତୁ ଆମ ପାଇଁ ମାର୍ଗ ଦର୍ଶନ କରିବା ସହିତ ତୋ ପଦାଙ୍କ ଅନୁସରଣ ପାଇଁ ଆଶୀର୍ବାଦ କରୁଥା, ଏତିକି ତୋ ପାଖରେ କାମନା ।

ଶୋକସନ୍ତପ୍ତ :- ପୁତ୍ର-ଶମ୍ଭୁ ପ୍ରସାଦ, ଶକ୍ତି ପ୍ରସାଦ, ଝିଅ-ସଂଘମିତ୍ରା, ସ୍ୱର୍ଣ୍ଣମିତ୍ରା, ସୁଖମିତ୍ରା ଓ ଲୁନା ଓ ପରିବାରବର୍ଗ ।



# ଭୁବନେଶ୍ୱର ସିଟି

## ନିଷ୍ପତ୍ତି ବଦଳାଇଲେ 'ଉତ୍କଳ' କର୍ତ୍ତୃପକ୍ଷ

# ଶୈକ୍ଷିକ କାର୍ଯ୍ୟକ୍ରମ ବାତିଲ୍ ଘଟଣାରେ ୟୁ-ଟର୍ଣ୍ଣ

ଭୁବନେଶ୍ୱର, ୨୧।୩(ସମିସ)




ନିର୍ବାଚନ ଆଦର୍ଶ ଆଚରଣବିଧି ଆଳରେ ଶୈକ୍ଷିକ କାର୍ଯ୍ୟକ୍ରମକୁ ବାତିଲ୍ କରିବା ଘଟଣାରେ ୟୁଟର୍ଣ୍ଣ ନେଇଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ବାତିଲ୍ ନିଷ୍ପତ୍ତିର ୪୮ ଘଣ୍ଟା ନ ପୂରୁଣୁ ଆଉ ଏକ ବିଜ୍ଞପ୍ତି ଜାରିକରି ଅନୁମତି ଦେଇଛନ୍ତି। ନୂତନ ବିଜ୍ଞପ୍ତି ଅନୁଯାୟୀ ଆଲୋଚନାଚକ୍ର, କର୍ମଶାଳା ବା ସମ୍ମିଳନୀ ଓ ଅତିରିକ୍ତ ବକ୍ତୃତା ଆଦି କାର୍ଯ୍ୟକ୍ରମ କରାଯାଇପାରିବ। ନିର୍ବାଚନ ଆଚରଣ ବିଧିକୁ କଡ଼ାକଡ଼ି ଭାବେ ପାଳନ କରି ଏହି ସମସ୍ତ କାର୍ଯ୍ୟକ୍ରମ କରାଯାଇ ପାରିବ ବୋଲି କୁହାଯାଇଛି।

ଗତ ୧୯ତାରିଖରେ ବିଶ୍ୱବିଦ୍ୟାଳୟ କୁଳସଚିବ କାହ୍ନୁ ଚରଣ ଧୀର ଏକ ବିଜ୍ଞପ୍ତି ଜାରି କରି ଦର୍ଶାଇଥିଲେ ଯେ, ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ ବିଶ୍ୱବିଦ୍ୟାଳୟରେ କୌଣସି ଆଲୋଚନାଚକ୍ର, କର୍ମଶାଳା ବା ସମ୍ମିଳନୀ ହୋଇପାରିବ ନାହିଁ। ଏହାକୁ ଆଧାର କରି ୨୦ ଓ ୨୧ତାରିଖରେ ହେବାକୁ ଥିବା ସାଧାରଣ ପ୍ରଶାସନ ବିଭାଗର ଜାତୀୟ ଆଲୋଚନାଚକ୍ର ବାତିଲ ହୋଇଥିଲା। ଏହାସହ ୨୩ ତାରିଖରେ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର ଆୟୋଜନ ପାଇଁ ଚାଲିଥିବା ପ୍ରସ୍ତୁତି ବନ୍ଦ କରାଯିବା ସହ ଅତିଥିଙ୍କୁ ମନା କରାଯାଇଥିବା ସୂଚନା ମିଳିଛି। ହେଲେ ଗତ ୧୬ରେ ଆଚରଣ ବିଧି ଲାଗୁ ହେବା ପରେ ୧୯ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପରିସରରେ ଏକାଧିକ କାର୍ଯ୍ୟକ୍ରମ କରାଯାଇଛି। ଯାହାକୁ ନେଇ ଛାତ୍ରଛାତ୍ରୀ ପ୍ରଶ୍ନ ଉଠାଇଥିଲେ। ଏପରିକି ନିର୍ବାଚନ କମିସନଙ୍କୁ ଭେଟି ଆଲୋଚନା ମଧ୍ୟ କରିଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଶୈକ୍ଷିକ କାର୍ଯ୍ୟକ୍ରମ ଉପରେ ଅଙ୍କୁଶ ଲଗାଇବା ଘଟଣାକୁ ବହୁ ଶିକ୍ଷାବିତ, ବୁଦ୍ଧିଜୀବୀ ଓ ସମ୍ବିଧାନ ବିଶେଷଜ୍ଞ ସମାଲୋଚନା କରିଥିଲେ।

ନିଷ୍ପତ୍ତିରେ ଅସନ୍ତୁଷ୍ଟ ଛାତ୍ରଛାତ୍ରୀ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତିଙ୍କ ନିକଟରେ ଶୁକ୍ରବାର ଅଭିଯୋଗ କରିବାକୁ ପ୍ରସ୍ତୁତି ଚଳାଇଥିଲେ। ତେବେ ଏହା ପୂର୍ବରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି। କର୍ତ୍ତୃପକ୍ଷଙ୍କ ୟୁ ଟର୍ଣ୍ଣ ପରେ ମଧ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଥମିନି। କାରଣ ସାଧାରଣ ପ୍ରଶାସନ ବିଭାଗର ଜାତୀୟ ଆଲୋଚନାଚକ୍ର ବାତିଲ ହୋଇଛି। ଏହାସହ ଆଗକୁ ହେବାକୁ ଥିବା ଏକାଧିକ ବିଭାଗର ଆଲୋଚନାଚକ୍ରକୁ ଇତି ମଧ୍ୟରେ ବାତିଲ କରି ଦିଆଯାଇଛି। କାର୍ଯ୍ୟକ୍ରମରେ ଆସିବାକୁ ଥିବା ଅତିଥିଙ୍କୁ ମଧ୍ୟ କାର୍ଯ୍ୟକ୍ରମ ବାତିଲ ହେବାରୁ ମନା କରାଯାଇଛି। କର୍ତ୍ତୃପକ୍ଷଙ୍କ ଖାମଖିଆଲି ନିତି ପାଇଁ ଛାତ୍ରଛାତ୍ରୀ ହଇରାଣ ହେଉଥିବା ବହୁ ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି।

## ୨୪ରେ ବୃନ୍ଦାବନ ମହୋତ୍ସବ



ଭୁବନେଶ୍ୱର, ୨୧।୩(ସମିସ): ରଙ୍ଗର ପର୍ବ ହୋଲି ଅବସରରେ ଆସନ୍ତା ୨୪ ତାରିଖରେ ବୃନ୍ଦାବନ ମହୋତ୍ସବ ପକ୍ଷରୁ ଏହାର ଅଷ୍ଟମ ବାର୍ଷିକୋତ୍ସବ ରବୀନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ହେବ। ପ୍ରଖ୍ୟାତ ବଂଶୀ ବାଦକ ପଦ୍ମ ବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରସିଆ, ପଦ୍ମଭୂଷଣ ବିଶ୍ୱମୋହନ ଭଟ୍ଟ ଓ ତାଙ୍କ ପୁଅ ପଣ୍ଡିତ ସଲିଲ ଭଟ୍ଟ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗ୍ୱାଲିୟର, ଜୟପୁର ଓ ଆଗ୍ରା ଘରାନା ସଙ୍ଗୀତଜ୍ଞ ପଦ୍ମଶ୍ରୀ ପଣ୍ଡିତ ଉଲ୍ଲାସ କସାଲକରଙ୍କୁ କଣ୍ଠଶିଳ୍ପୀ ଆଲିକ୍ସ ସେନଗୁପ୍ତା, ସାରଙ୍ଗି ବାଦକ ସରୱାର ହୁସେନ୍, ତବଲାରେ ପଣ୍ଡିତ ଯୋଗେଶ ସାମ୍ସି ଓ ଉସ୍ତାଦ ଆଲ୍ଲାରଖା ଏବଂ ହାରମୋନିୟମ୍‌ରେ ପ୍ରବୀଣ କାସଲିକର ପ୍ରମୁଖ ସହଯୋଗ କରିବେ। ଓଡ଼ିଶାରୁ ଅନିକେତ ମହାରଣା, ଆସାମରୁ ମଧୁ ଚପାଇ, ରୂପମ ଜ୍ୟୋତି ଓ ନିବିର ଦେବ ଶର୍ମା, ଦିଲ୍ଲୀରୁ ଅଂଶୁଲ ଲାଗେରା, ଛତିଶଗଡ଼ରୁ ପୁଷ୍ପରାଜ ଦାଡ଼ସେନା, କର୍ଣ୍ଣାଟକରୁ କିର୍ତ୍ତନରାଜ ସେଠୀ ଏବଂ ପଶ୍ଚିମବଙ୍ଗରୁ ଶ୍ରବଣ କ୍ୟୁରି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ସମସ୍ତେ ଭୁବନେଶ୍ୱର ବୃନ୍ଦାବନ ଗୁରୁକୁଳରେ ଭାରତୀୟ ଗୁରୁ-ଶିଷ୍ୟ ପରମ୍ପରା ଅନୁଯାୟୀ ବଂଶୀ ବାଦନ ଶିଖିଛନ୍ତି। ନାଜିଆ ଆଲାମ କାର୍ଯ୍ୟକ୍ରମ ପରିଚାଳନା କରିବାର କାର୍ଯ୍ୟକ୍ରମ ରହିଥିବା ଗୁରୁବାର ବୃନ୍ଦାବନ ଗୁରୁକୁଳ ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ କଳା ଓ ସଙ୍ଗୀତର ପରମ୍ପରାକୁ ଆଗକୁ ବଢ଼ାଇବା ପାଇଁ ଯୁବ ସଙ୍ଗୀତଜ୍ଞଙ୍କୁ ଏହି ବୃନ୍ଦାବନ ଗୁରୁକୁଳ ତାଲିମ ପ୍ରଦାନ କରୁଛି।

## ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ଲାଷ୍ଟିକ୍ ସର୍ଜରୀ ସଫଳ

ଭୁବନେଶ୍ୱର, ୨୧।୩(ସମିସ): ଆକସ୍ମିକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ରାଜଧାନୀ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ବୁଧବାର ପ୍ଲାଷ୍ଟିକ ସର୍ଜରୀ ସଫଳ ଭାବେ ସମ୍ପାଦିତ ହୋଇଛି। ଏସ୍‌ସିବି ମେଡିକାଲ କଲେଜର ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ଡ଼ଃ ବିଭୂତି ନାୟକ, ବିଭାଗୀୟ ମୁଖ୍ୟ ଅପୋଲୋ ହସ୍ପିଟାଲ ଡ଼ଃ ଏଲ. କେ. ମିଶ୍ର, ଏଲ. ବି. ପ୍ରସାଦ ଚକ୍ଷୁ ବିଭାଗ ବିଭାଗୀୟ ମୁଖ୍ୟ ଡ଼ଃ ସମୀର ମହାପାତ୍ର, ଅପୋଲୋ ହସ୍ପିଟାଲ ବିଭାଗୀୟ ମୁଖ୍ୟ ଡ଼ଃ ସି. କେ. ଦୀପା ଏବଂ ସ୍ନାୟୁ ଚିକିତ୍ସକ ଡ଼ଃ ଦେବରାଜ ବିଶ୍ୱାଳଙ୍କ ପରି ଅଭିଜ୍ଞ ଡାକ୍ତରମାନଙ୍କ ତତ୍ତ୍ୱାବଧାନରେ ଶ୍ରୀ ଆଚାର୍ଯ୍ୟଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଥିବା ଜଣାଯାଇଛି। ଶ୍ରୀ ଆଚାର୍ଯ୍ୟଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟୁଥିବାବେଳେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ଗ୍ରାମଗୁଡ଼ିକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ତାଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜାପାଠ, ଦୀପ ପ୍ରଜ୍ୱଳନ ଆଦି କରାଯାଉଛି। ଖୁବ୍‌ଶୀଘ୍ର ଶ୍ରୀ ଆଚାର୍ଯ୍ୟ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପୁନଶ୍ଚ ଲୋକଙ୍କ ସେବା କାର୍ଯ୍ୟରେ ସମର୍ପିତ ହେବେ ବୋଲି ତାଙ୍କ ସମର୍ଥକ ତଥା ଶୁଭେଚ୍ଛୁ ଆଶା ପ୍ରକାଶ କରିଛନ୍ତି।

## ଉତ୍ତରପୁରୁଷ ନାଟକ ପରିକ୍ରମା | ଦ୍ୱିତୀୟ ସନ୍ଧ୍ୟାରେ 'ଯାହା କହି ହୁଏନା'



ଭୁବନେଶ୍ୱର, ୨୧।୩(ସମିସ)

ରବୀନ୍ଦ୍ର ମଣ୍ଡପରେ ଉତ୍ତରପୁରୁଷ ବାର୍ଷିକ ନାଟକ ପରିକ୍ରମା -୨୦୨୪ର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି 'ଯାହା କହି ହୁଏନା'। ନାଟକର ରଚନା ଅଧ୍ୟାପକ ଡ. ନାରାୟଣ ସାହୁ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଡ. ପ୍ରସନ୍ନ କୁମାର ମିଶ୍ର। ନାଟକର କାହାଣୀ ଅନୁସାରେ, ଗରିବମାନଙ୍କ ଆର୍ଥିକ ଉନ୍ନତି ପାଇଁ ଅନେକ ଯୋଜନା ହୁଏ, ମାତ୍ର ବାସ୍ତବ କ୍ଷେତ୍ରରେ ଆଜି ବି ରୋଜଗାର ଆଶାରେ ଲୋକେ ଅନ୍ୟ ଅଞ୍ଚଳକୁ ପଳାୟନ କରନ୍ତି। ଆର୍ଥିକ ଅନଟନ ଓ ଦାଦନ ଦଲାଲଙ୍କ ପ୍ରଲୋଭନର ଶିକାର ହୋଇ ଅନେକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଆନ୍ତି। ଠିକାଦାର ଶୋଷଣ କରେ, ଶ୍ରମ ବଦଳରେ ପ୍ରକୃତ ପାରିଶ୍ରମିକ ଦିଏନା। ଝିଅକୁ ବାହା ଦେଇ ପାରେନା ବାପା। ଝିଅ ବାହାଘରର ସ୍ୱପ୍ନ ଦେଖିଥିବା ବାପା ଝିଅକୁ ବନ୍ଧକ ରଖେ ଠିକାଦାର ପାଖରେ। ଜୀବନ ସାରା ଖଟିଲେ ମଧ୍ୟ ଠିକାଦାର ନିକଟରୁ ଝିଅକୁ ମୁକୁଳେଇ ପାରେନା। ଏହି ସମୟରେ କ'ଣ କରେ ବାପା? ମୁକୁଳାଇ ପାରେ ଝିଅକୁ ଠିକାଦାରର ଘୃଣ୍ୟ ନଜରରୁ ନା ଅନ୍ୟକିଛି ପନ୍ଥା ଆପଣାଏ ତାହା ଦେଖିବାକୁ ମିଳିବ ନାଟକଟିରେ। ଏଥିରେ ବିଭିନ୍ନ ଭୂମିକାରେ ରାଜକୁମାର, ଚକ୍ରଧର, ନିଶିକାନ୍ତ, ରାଣେଶ, ରୂପେଶ, ଗୌରବ, ପ୍ରତିମା, ଶ୍ୱେତା, ଅଞ୍ଜଳି ଓ ସୁରେଖା ପ୍ରମୁଖ ଅଭିନୟ କରିଥିଲେ। ଏହି ଅବସରରେ 'ଉତ୍ତର ପୁରୁଷ ସମ୍ମାନ-୨୦୨୪' ଇଞ୍ଜିନିୟର ରମେଶ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ନାଟ୍ୟକାର ତଥା ଅଧ୍ୟାପକ ଡ. ନାରାୟଣ ସାହୁ, ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଉତ୍ତର ପୁରୁଷ ଉପସଭପତି ଚିତ୍ତରଞ୍ଜନ ସ୍ୱାଇଁ, ସଭାପତି ଡ. ପ୍ରସନ୍ନ ମିଶ୍ର ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ସମ୍ପାଦକ ଦେବଦତ୍ତ ପତି।

## ସମାଜସେବୀଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି



ହଂସପାଳ, ୨୧।୩(ସମିସ): ସମାଜସେବୀ ସ୍ୱର୍ଗତ ଭ୍ରମରବର ରାଉତରାୟଙ୍କ ଦ୍ୱାଦଶ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପ୍ରତ୍ୟୁଷରେ ନିକୁଞ୍ଜ ବିହାରୀ ମନ୍ଦିର ପରିସର ଗାନ୍ଧୀପୀଠରେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ଶ୍ରୀଧର ଦାସ ନିକୁଞ୍ଜ ବିହାରୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ କୁଶଭଦ୍ରା ନଦୀରେ ତିଳତର୍ପଣ କରିଥିଲେ। ଏହାପରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ବନ୍ଦନା ଗାନ କରିବା ବେଳେ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅଧିକାରୀ ଲକ୍ଷ୍ମୀଧର ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ଖନା ବାବା, ମନିକ୍ ହାଇବୁରୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଭ୍ରମରବରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ତାଙ୍କ ପୌତ୍ର ବୈକୁଣ୍ଠ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁକ୍ତ ଦୁଇ ଛାତ୍ରୀଙ୍କ ଆତ୍ମହତ୍ୟା

କଟକ, ୨୧।୩(ସମିସ): ମାଲାଗୋଦାମ ଥାନା ଅଞ୍ଚଳରେ ଜଣେ ଯୁକ୍ତ ଦୁଇ କଲେଜ ଛାତ୍ରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତା ଜଣକ ହେଲେ ଯୋବ୍ରା ମଝି ସାହିରେ ରହୁଥିବା ସ୍ୱପ୍ନା ବେଉରା(୧୮)। ମାଲଗୋଦାମ ଥାନା ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ପୁଲିସ ସୂଚନା ଅନୁସାରେ, ସ୍ୱପ୍ନା କେଶବଚନ୍ଦ୍ର ସାହୁ ମହିଳା କଲେଜରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷରେ ପଢୁଥିଲେ। ତାଙ୍କର ବାପା, ମାଆ ଦୀର୍ଘ ଦିନ ହେବ ଅଲଗା ରହୁଛନ୍ତି। ମାଆ ଜଗତପୁର ଠାରେ ରହି ଏକ ଘରୋଇ ସଂସ୍ଥାରେ କାମ କରୁଛନ୍ତି। ଦୀର୍ଘ ବର୍ଷ ହେବ ସ୍ୱପ୍ନା ଯୋବ୍ରା ମଝିସାହି ସ୍ଥିତ ତାଙ୍କ ମାମୁଁ ଘରେ ରହିଆସୁଥିଲେ। ଆଈ ତାଙ୍କର ଭଲମନ୍ଦ ବୁଝାସୁଝା କରୁଥିଲେ। ତେବେ ଆଜି ସକାଳେ ଆଈ ତାଙ୍କୁ କମ୍ପ୍ୟୁଟର କ୍ଲାସ ଯିବା ପାଇଁ କହିଥିଲେ। ମାତ୍ର ସ୍ୱପ୍ନା ଯିବାକୁ ମନା କରିଥିଲେ। ଏହାକୁ ନେଇ ଆଈ ବିରକ୍ତି ପ୍ରକାଶ କରିଥିଲେ। କିଛି ସମୟ ପରେ ଆଈ ଆସି ଦେଖିଲେ ଯେ, ସ୍ୱପ୍ନା ନିଜ ରୁମ୍‌ର ଫ୍ୟାନରେ ବେକରେ ଓଢଣୀ ବାନ୍ଧି ଝୁଲି ପଡ଼ିଛନ୍ତି। ସାହିପଡ଼ିଶାଙ୍କ ସହଯୋଗରେ ତାଙ୍କୁ ମେଡିକାଲ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲା। ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି।

## 'ସ୍ନେହ' ପକ୍ଷରୁ ଆଲୋଚନାଚକ୍ର

ଭୁବନେଶ୍ୱର, ୨୧।୩(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସାଇଟି ଫର୍ ନେଚର, ଏଜୁକେସନ୍ ଆଣ୍ଡ ହେଲଥ୍ (ସ୍ନେହ) ଆନୁକୂଲ୍ୟରେ ରୋଷ୍ଟୋରେଟିଭ୍ ଜଷ୍ଟିସ୍ ସମ୍ପର୍କିତ ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ତାଲିମ କେନ୍ଦ୍ରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଦେଶର ନ୍ୟାୟିକ ବ୍ୟବସ୍ଥାରେ ଥିବା ତ୍ରୁଟି ଏବଂ ସମାଜରେ ବଢୁଥିବା ଅପରାଧ ନିରାକରଣରେ ଦଣ୍ଡ ପ୍ରଦାନର ସୀମିତ ଭୂମିକା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କୁମାର ପ୍ରଧାନ ରେଷ୍ଟୋରେଟିଭ୍ ଜଷ୍ଟିସ୍ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ପୁଲିସ ଅଧିକାରୀ, ଆଇନଜୀବୀ ଭାଗ ନେଇଥିଲେ। ଅନୁଷ୍ଠାନର ସଭାନେତ୍ରୀ ସୁବର୍ଣ୍ଣା ଘୋଷ ଅଧ୍ୟକ୍ଷତା କରିଥିବା ବେଳେ ପ୍ରକଳ୍ପ ସହ ସଂଯୋଜକ ଦିବାକର ମାହାଳି ପରିଚାଳନା କରିଥିଲେ।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ ପ୍ରତିବାଦରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ଓଡ଼ିଶା ଆପ୍ କର୍ମୀଙ୍କ ପକ୍ଷରୁ ବିକ୍ଷୋଭ

## କେତକୀ ଫାଉଣ୍ଡେସନ୍ ପକ୍ଷରୁ ବିଶ୍ୱ କବିତା ଦିବସ




ଭୁବନେଶ୍ୱର, ୨୧।୩(ସମିସ)

ସ୍ୱାଭିମାନ ଏବଂ କେତକୀ ଫାଉଣ୍ଡେସନ ଟ୍ରଷ୍ଟର ମିଳିତ ଉଦ୍ୟମରେ ଭାରତୀୟ ବିଦ୍ୟା ଭବନ ଠାରେ ଗୁରୁବାର ବିଶ୍ୱ କବିତା ଦିବସ ଏବଂ ବିଶ୍ୱ ଡାଉନ୍ ସିଣ୍ଡ୍ରୋମ ଦିବସ ନିଆରା ଭାବରେ ପାଳନ କରାଯାଅଛି। ଏହି ଦିବସରେ ଅନ୍ତର୍ଭୁକ୍ତତା, ଅକ୍ଷମତା ଏବଂ ବିବିଧତା ଉପରେ କବିତା ପାଠ କରାଯାଇଥିଲା। ଏଥିରେ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ସମସାମୟିକ କଳାକାର ତଥା ଲେଖକ ରମାକାନ୍ତ ସାମନ୍ତରାୟ, ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଉପ ସଚିବ ସନ୍ନ୍ୟାସୀ ବେହେରା, ଗାଳ୍ପିକ ସୁମନ ଦାସ, ଗାଳ୍ପିକ ତଥା ଲେଖକ ପ୍ରଫେସର ଡଃ. ଶକ୍ତି ମହାନ୍ତି, ଲେଖକ, ଗବେଷକ, ତଥା ଅନୁବାଦକ ସୈଲେନ ରାଉତରାୟ, କେତକୀ ଫାଉଣ୍ଡେସନ ଟ୍ରଷ୍ଟି ଡଃ. ରବୀନ୍ଦ୍ର ସ୍ୱାଇଁ ଉପସ୍ଥିତ ରହି ଅନେକ ଉଚ୍ଚକୋଟୀର କବିତା ପାଠ କରିଥିଲେ। ଏଥି ସହିତ ଭିନ୍ନକ୍ଷମ ପିଲାମାନଙ୍କର ଅଭିଭାବକ, ଶିକ୍ଷାବିତ୍, ସମାଜସେବୀ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀମାନେ ଭିନ୍ନକ୍ଷମତା ସମ୍ବର୍ଦ୍ଧିତ କବିତା ପାଠ କରିଥିଲେ। ଏହି ଦିବସରେ ଭିନ୍ନକ୍ଷମତା ଉପରେ ପର୍ଯ୍ୟବଶିତ କବିତା ପାଠ କରି ତା ମାଧ୍ୟମରେ ସମାଜରେ ସମତାର ବାର୍ତ୍ତା ପ୍ରଦାନ କରଯାଇଥିଲା।

## ଉତ୍ସବରେ ବସ୍ତିର ଶିଶୁ ଓ ଜରାଶ୍ରମ ଅନ୍ତେବାସୀ

ଭୁବନେଶ୍ୱର, ୨୧।୩(ସମିସ)

ବାହାଘର ତ ଅନେକଙ୍କର ହୁଏ। ନିଜ ବାହାଘରକୁ ସ୍ମରଣୀୟ କରିବାକୁ ଭବ୍ୟ ଆୟୋଜନ ସାଙ୍ଗକୁ ସୁସ୍ୱାଦୁ ଭୋଜନକୁ ନେଇ ହୋଇଥାଏ ପ୍ରତିଯୋଗିତା। କିଏ ଖାଇବା ଉପରେ ଗୁରୁତ୍ୱ ଦେଇଥାନ୍ତି ତ କିଏ ଷ୍ଟାଟସ୍ ମେଣ୍ଟେନ୍ କରିବାକୁ ଷ୍ଟାର ହୋଟେଲ୍‌ରେ କରିଥାନ୍ତି ଆୟୋଜନ। ସେହିପରି ଅନେକ ବଡ଼ବଡ଼ିଆ ଅତିଥିଙ୍କ ସାମିଲକୁ ନେଇ ମଧ୍ୟ ବେଶ୍ ଉତ୍କଣ୍ଠିତ ଥାଆନ୍ତି। ହେଲେ ବସ୍ତିର ଶିଶୁଙ୍କ ସମେତ ଜରାଶ୍ରମର ବୃଦ୍ଧବୃଦ୍ଧାଙ୍କୁ ନିଜ ବିବାହ ଉତ୍ସବରେ ସାମିଲ କରି ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ସମାଜସେବୀ ତଥା ଆଶାଏଁ ଅନୁଷ୍ଠାନର ପ୍ରତିଷ୍ଠାତା ରତ୍ନାକର ସାହୁ। ନିଜ ବିବାହ ଭୋଜିରେ ଆସିଥିବା ଅତିଥିଙ୍କୁ ଫୁଲଚାରା ସହ ବରିଷ୍ଠ ନାଗରିକଙ୍କୁ ଦେଇଥିଲେ ନୂତନ ବସ୍ତ୍ର।

ଭଦ୍ରକ ଜିଲ୍ଲା ରାହାଞ୍ଜି ପଞ୍ଚାୟତର ଅସୁରା ଗ୍ରାମର ରତ୍ନାକର ଦୀର୍ଘ ବର୍ଷ ହେବ ରାଜଧାନୀରେ ରହି ବସ୍ତି ପିଲାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇବାକୁ ପ୍ରୟାସ କରୁଛନ୍ତି। ବିଭିନ୍ନ ବସ୍ତି, ରେଳ ଷ୍ଟେସନ୍ ଆଦି ସ୍ଥାନରେ ଭିକ୍ଷାବୃତ୍ତି ହେଉ ଅବା ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ନିଜ ଭବିଷ୍ୟତକୁ ଅନ୍ଧାର ଆଡ଼କୁ ଠେଲି ଦେଉଥିବା ଶହ ଶହ ଶିଶୁ ବିଭିନ୍ନ ପ୍ରକାର ନିଶା ସେବନରେ ଲିପ୍ତ ରହୁଥିଲେ। ଯେଉଁମାନେ ଦେଶର ଭବିଷ୍ୟତ ସେମାନେ ନିଜ ହାତରେ ଜୀବନକୁ ନଷ୍ଟ ନ କରି କିଭଳି ମୁଖ୍ୟସ୍ରୋତରେ ସାମିଲ ହେବେ ସେଥିପାଇଁ ରତ୍ନାକର 'ଆଶାଏଁ' ନାମକ ଏକ ଅନୁଷ୍ଠାନ ମାଧ୍ୟମରେ ପିଲାମାନଙ୍କୁ ସାମିଲ କରାଇ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ବର୍ତ୍ତମାନ ୫ଶହରୁ ଉର୍ଦ୍ଧ୍ୱ ପିଲାଙ୍କୁ ସେ ବିଦ୍ୟାଳୟ ମୁହାଁ କରାଇବା ସହ ଶିକ୍ଷାଦାନ କରୁଛନ୍ତି। ତେବେ ନିଜ ବିବାହ କାର୍ଯ୍ୟକ୍ରମରେ ବଡ଼ବଡ଼ିଆ ଅତିଥିଙ୍କ ବଦଳରେ ଅତିଥି ପାଲଟିଥିଲେ ବସ୍ତିରେ ବାସ କରୁଥିବା ଏହି ପିଲାମାନେ। ଏହାସହ ଜରାଶ୍ରମରେ ପରିବାରକୁ ଝୁରି ହେଉଥିବା ବୃଦ୍ଧବୃଦ୍ଧାଙ୍କୁ ମଧ୍ୟ ନିଜ ବିବାହରେ ସାମିଲ କରାଇ ନିଆରା ଅନୁଭୂତି ଦେଇଛନ୍ତି ରତ୍ନାକର। ଅନ୍ୟଅତିଥି ଭଳି ଏହି କୁନି କୁନି ପିଲାଙ୍କୁ ମଧ୍ୟ ପାଛୋଟି ନେଇଥିଲେ ନବଦମ୍ପତି। କେବଳ ସେତିକି ନୁହେଁ ଉତ୍ସବରେ ଯେଉଁ ଅତିଥିମାନେ ଉପହାର ଦେଉଥିଲେ ସେମାନଙ୍କୁ ପ୍ରତିଉପହାର ସ୍ୱରୂପ ଚାରାଟିଏ ପ୍ରଦାନ କରିଥିଲେ ନବଦମ୍ପତି। ଏହାସହ ବାହାଘରରେ ସାମିଲ ହୋଇଥିବା ସ୍ଥାନୀୟ ଅଞ୍ଚଳର ବୃଦ୍ଧ ଓ ବୃଦ୍ଧା ବ୍ୟକ୍ତିଙ୍କୁ ନୂତନ ବସ୍ତ୍ର ମଧ୍ୟ ନେଇଥିଲେ। ଏଭଳି ଏକ ନିଆରା ବାହାଘର ଏବେ ସାମାଜିକ ଗଣମାଧ୍ୟମ ଠାରୁ ଆରମ୍ଭ କରି ରାଜଧାନୀର ବିଭିନ୍ନ ବସ୍ତିରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ରତ୍ନାକର କହିଛନ୍ତି ଯେ, ଖୁସିକୁ କେବଳ ନିଜ ପରିବାର ମଧ୍ୟରେ ସୀମିତ ରଖାଯାଏନି। ଏମାନେ ସମସ୍ତେ ମଧ୍ୟ ମୋ ପରିବାର। ସେମାନଙ୍କ ଉପସ୍ଥିତି ମୋର ସବୁଠାରୁ ବଡ଼ ଖୁସି। ବର୍ତ୍ତମାନ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ପାଲଟିଛି ଗଛକଟାଯିବା। ତେଣୁ ଆମ ପରିବେଶର ରକ୍ଷାକବଚ ଆମେ ନିଜେ ହୋଇପାରିବା, ଯେତେବେଳେ ସମସ୍ତେ ଗଛ ଲଗାଇବା ସହ ତାହାର ଯତ୍ନ ନେବା।





ଆଗନ୍ତୁକଙ୍କୁ ଚାରା ଓ ବରିଷ୍ଠ ନାଗରିକଙ୍କୁ ବସ୍ତ୍ର ଉପହାର

## ଭୁବନେଶ୍ୱର ସିଟି



# ଶ୍ୟାମପୁର ମେଳଣରେ ୨୭ ଦୋଳ

## ବାଜା ବାଣରେ କମ୍ପିଲା ପଡ଼ିଆ





ଭୁବନେଶ୍ୱର, ୨୧।୩ (ସମିସ): ରାଜଧାନୀ ଉପକଣ୍ଠରେ ଚାଲିଥିବା ଶ୍ୟାମପୁର ଦୋଳ ମେଳଣ ଗୁରୁବାର ଉଦଯାପିତ ହୋଇଯାଇଛି। ଫଗୁ ଦଶମୀ ଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଦ୍ୱାଦଶୀରେ ଶେଷ ହୋଇଛି। ତେବେ ଆସନ୍ତା ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମାରେ ଚାଚେରି ଭୋଗ ଲାଗି ହେବ। ଫାଲଗୁନ ଶୁକ୍ଳ ପକ୍ଷ ଦଶମୀ ତିଥିରେ ରାଧାକୃଷ୍ଣ ଦେବ ଓ ସିଦ୍ଧେଶ୍ୱର ଦେବ ଦୋଳ ବିମାନରେ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଭୋରରୁ ଜମାଣ ପର୍ବ ଅନୁଷ୍ଠିତ ହେବା ପରେ ଦୋଳ ବେଦୀରେ ବିରାଜମାନ କରିଥିଲେ। ପାପନାଶିନୀ ଏକାଦଶୀରେ ପ୍ରାୟ ୨୭ ଖଣ୍ଡ ଗାଁରୁ ନିମନ୍ତ୍ରିତ ଅତିଥି ଠାକୁର ମେଳଣ ପଡ଼ିଆକୁ ବିଜେ କରିଥିଲେ। ଦ୍ୱାଦଶୀ ତଥା ଗୁରୁବାର ଦୋଳ ବେଦୀରେ ବିରାଜିତ ଠାକୁରମାନଙ୍କୁ ଭୋଗ ହାଣ୍ଡି ଲାଗି କରାଯାଇ ହରିହର ଭେଟ ପର୍ବ ଅନୁଷ୍ଠିତ ହୋଇଥିଲା। ମେଳଣ ଅବସରରେ ଲୋକମାନେ ପରସ୍ପର ମଧ୍ୟରେ ବିଭିନ୍ନ ରଙ୍ଗ ବୋଳାବୋଳି ହୋଇ ଅବିର ଖେଳିଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ହୋଇଥିବା ଲଉଡ଼ି ଖେଳ ବେଶ୍ ଆକର୍ଷଣୀୟ ହୋଇଥିଲା। ପରମ୍ପରା ଅନୁସାରେ ଦହି ହାଣ୍ଡି ଭଙ୍ଗା ହୋଇଥିଲା। ହରିହର ଭେଟ ସମୟରେ ବାଜା ଓ ବାଣରେ ମେଳଣ ପଡ଼ିଆ କମ୍ପି ଉଠିଥିଲା। ହରିହର ଭେଟ ସରିବା ପରେ ଥାନପତି ଅତିଥି ଠାକୁରଙ୍କୁ ବିଦାୟ ଦେଇଥିଲେ। ସମସ୍ତ ଅତିଥି ଠାକୁରଙ୍କ ଚଳନ୍ତି ପ୍ରତିମା ନିଜ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଦୋଳ ମେଳଣ ଉପଲକ୍ଷେ ଯାତ୍ରା ଇନ୍ଦ୍ରଭୁବନ ୩ ଦିନ ଧରି ଅପେରା ପରିବେଷଣ କରିଥିଲା । ଆସନ୍ତା ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମା ଦିନ ଚାଚେରି ଭୋଗ ଲାଗି କରାଯିବ।





## ବାଲିପାଟଣାରେ ଦୋଳ ମେଳଣ



ବାଲିପାଟଣା, ୨୧।୩ (ସମିସ)

ପ୍ରତ୍ୟେକ ଓଡ଼ିଆ ପାଇଁ ଦୋଳ ପର୍ବର ମହତ୍ୱ ନିଆରା। ଏକାଦଶୀ ତିଥିରୁ ବାଲିପାଟଣାର ପ୍ରସିଦ୍ଧ ଦୋପଟି ମେଳଣ ଆରମ୍ଭ ହୋଇ ଦହିକଡ଼ିରେ ଶେଷ ହୋଇଥାଏ। ଦୋପଟି ମେଳଣ ହେଉଛି ଗାରେଡ଼ିପାଞ୍ଚଣ ପଞ୍ଚାୟତର ଥାନପତି ମହାଦେବ ଶ୍ରୀଶ୍ରୀ ବୁଦ୍ଧନାଥ ଦେବଙ୍କର ମେଳଣ। ଏହାପରେ ଲଗାତାର ପାଞ୍ଚ ଦିନ ବ୍ୟାପୀ ପଞ୍ଚୁଦୋଳ ମେଳଣ ଅନୁଷ୍ଠିତ ହେବ। ଦ୍ୱିତୀୟ ଦିନ ଦାଣ୍ଡଦୁଆର ମେଳଣ, ହୋଲିଦିନ ଚଣାହଟ୍ଟା ସ୍କୁଲ ମେଳଣ, ପୀଠରେ ଭୋଗ ଖାଇ ମେଣ୍ଢାକୁଡ଼ିଆ ପୋଡ଼ି, ଶେଷ ଦିନ ପ୍ରସିଦ୍ଧ ପାରମ୍ପାରିକ ଦହିକଡ଼ି ମେଳଣ ଅନୁଷ୍ଠିତ ହେବ। ଦୋପଟି ମେଳଣ ୨୦ତାରିଖ ପାପନାଶିନୀ ଏକାଦଶୀ ବୁଧବାର ପଡୁଥିବାବେଳେ ମଧ୍ୟରାତ୍ରରେ ଆଖପାଖ ଅଞ୍ଚଳର ୧୯ଟି ବିମାନ ଦୁଇଟି ଦିଗରୁ ବାଜା ବାଣ, ଘୋଡ଼ାନାଚ, ଷଣ୍ଢ ଲଢ଼େଇ, ବୁଢ଼ାବୁଢ଼ୀ ନାଚ, ପାଇକମାନଙ୍କ ଦ୍ୱାରା ବାଡ଼ି ଖେଳ, ଲହୁଡ଼ି ଖେଳ, ଘଣ୍ଟ ଘଣ୍ଟା ସହ ଶୋଭାଯାତ୍ରାରେ ମେଳନ ପଡ଼ିଆକୁ ଆସିବେ। ସକାଳ ୧୦ଟାଠାରୁ ଆରମ୍ଭ ହୋଇ ରାତ୍ର ୧୦ଟାରେ ହରିହର ଭେଟ ଅନୁଷ୍ଠିତ ହୋଇଛି। ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ, ମନୋହରି ଜିନିଷ, ମାଟି ହାଣ୍ଡି, ଘରକରଣା ସାମଗ୍ରୀ, ଛୁଆଙ୍କ ଖେଳନା ଆଦିର ପସରା ଖୋଲାଯାଇଛି। ପୂର୍ବଦିନ ପ୍ରବଳ ବର୍ଷା ସତ୍ତ୍ୱେ ଲୋକଙ୍କର ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଛି। ଏହି ମେଳଣରେ ଥାନପତି ଶ୍ରୀବୁଦ୍ଧନାଥ ଦେବ, ସରାଟର ନୀଳକଣ୍ଠେଶ୍ୱର ଦେବ, ତରଡ଼ପଡ଼ାର ଗୋପୀନାଥଦେବ, ଫକୀରପଡ଼ାର ରାଧାମୋହନଦେବ, ଗିରିଙ୍ଗର ଗୋପୀନାଥଦେବ, ବାଲିପାଟଣାର ରାଧାମୋହନ ଦେବ, କାକରୁଦ୍ରପୁରର ପତିତପାବନ ଦେବ, ଗଣ୍ଡିଲୋର ଜଟେଶ୍ୱରଦେବ, ସଠିଲୋର ଚମ୍ପନାଥଦେବ, ଶିଶୁମଠର ମଦନମୋହନଦେବ, ବାଗିଲୋର ରାଧାମାଧବ ଦେବ, ଆଣ୍ଡୁଆରୀର ଗୋପୀନାଥଦେବ, ସାହବନଗରର ହରିଦାସଦେବ, ବ୍ରାହ୍ମଣଷଡ଼ଙ୍ଗୀର ଗୋପୀନାଥଦେବ, ବେଣ୍ଟପୁର ଜାଗିରିର ଗୋପୀନାଥଦେବ, କୂଳନ୍ତିରାର ଗୋପୀନାଥଦେବ, ଡିହସାହିର ରାଧାକାନ୍ତଦେବ, କୂଳନ୍ତିରାବାଗିଲୋର ଗୋପୀନାଥଦେବ, ଚଣାହଟ୍ଟାର ରାଧାଗୋବିନ୍ଦଦେବଙ୍କୁ ନେଇ ମୋଟ ୨୦ଟି ବିଗ୍ରହ ଯୋଗ ଦେଇଥିଲେ। ଚଳିତବର୍ଷ ଭକ୍ତମାନେ ବିଗ୍ରହକୁ ଛୁଇଁ, ଅବିର ବୁଣି ଦର୍ଶନ କରିବେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପରିଚାଳନା କମିଟି ଓ ବାଲିପାଟଣା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ବୁଲାବୁଲି ସହ ବହିପଢ଼ା

## ବିଡିଏ ବଢ଼ାଉଛି ପଠନ ସ୍ପୃହା



ବିଏସ୍‌ଏବିଟିରେ ଯାତ୍ରୀମାନଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତୀକ୍ଷାଳୟରେ ୯୦ପ୍ରତିଶତ ଓଡ଼ିଆ ବହି ରଖାଯାଇଛି। ଯାତ୍ରୀମାନେ ଏଠାରେ ଖୁବ୍ କମ୍ ସମୟ ରହିଥିବାରୁ ସମୟକୁ ଦୃଷ୍ଟିରେ ରଖି କ୍ଷୁଦ୍ର ଗଳ୍ପ, ଲୋକ କଥା, ଜଣା ଅଜଣା, ସାଧାରଣ ଜ୍ଞାନ ଆଦି ବହି ରଖାଯାଇଛି। ଯାହାକୁ ଲୋକମାନେ ମାତ୍ର କେଇ ମିନିଟ୍‌ରେ ପଢ଼ି ଶେଷ କରିପାରିବେ। ଫଳରେ ବସ୍‌କୁ ୨୦ରୁ ୩୦ମିନିଟ୍

### ପ୍ରତୀକ୍ଷାଳୟ ଆଉ କଷ୍ଟଦାୟକ ନୁହେଁ

### ବହି ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି ସହରିଆ

ଅପେକ୍ଷା କରୁଥିବା ଯାତ୍ରୀମାନେ ଅତି ସହଜରେ ଗପଟିଏ ପଢ଼ି ଶେଷ କରି ପଠନର ସୁଖଦ ଅନୁଭୂତି ସାଉଁଟିବା ସହ ଚିନ୍ତାମୁକ୍ତି ଯାତ୍ରା କରିପାରିବେ। ସେହିଭଳି ଆନନ୍ଦବନରେ ଗଛ ଖୁଆଡ଼ (ଟ୍ରି-ଲାଇବ୍ରେରୀ)ରେ ବହି ରଖାଯାଇଛି। ଆନନ୍ଦବନ ପ୍ରକୃତିର ମନୋରମ ସ୍ଥଳ

ଭୁବନେଶ୍ୱର, ୨୧।୩(ସମିସ)

ସାଧାରଣ ଲୋକଙ୍କ ଭିତରେ ପଠନସ୍ପୃହା ବୃଦ୍ଧି କରିବାକୁ ପ୍ରୟାସ କରୁଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)। ମାତ୍ରାଧିକ ଜନସମାଗମ ସ୍ଥାନରେ 'ବୁକ୍ କାଫେ' କରି ବିଭିନ୍ନ ପ୍ରକାରର ଆକର୍ଷଣୀୟ ପୁସ୍ତକ ମାଧ୍ୟମରେ ଲୋକମାନଙ୍କୁ ବହି ପଢ଼ିବା ପ୍ରତି ଆକୃଷ୍ଟ କରାଉଛି। ଦିନକୁ ଦିନ ମୋବାଇଲ୍ ଓ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଯୋଗୁଁ ବହିପଢ଼ା ହ୍ରାସ ପାଉଥିବାବେଳେ ବିଡିଏର ଏଭଳି ପ୍ରୟାସକୁ ବୁଦ୍ଧିଜୀବୀ ଓ ପୁସ୍ତକପ୍ରେମୀ ସ୍ୱାଗତ କରିଛନ୍ତି। ବିଶେଷକରି ବର୍ତ୍ତମାନ ପିଢ଼ିର ପିଲାଙ୍କୁ ବହି ପ୍ରତି ଆକୃଷ୍ଟ କରିପାରିଲେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହେବ ବୋଲି କୁହାଯାଉଛି।

ବିଡିଏ ତତ୍ତ୍ୱାବଧାନରେ ନୂଆ କରି କରାଯାଇଥିବା ପ୍ରକଳ୍ପ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ୍ (ବିଏସ୍‌ଏବିଟି) ଓ ଆନନ୍ଦ ବନ୍‌ରେ ଏହି ବୁକ୍ କାଫେ 'ବକୁଳ ଫାଉଣ୍ଡେସନ୍' ସହଯୋଗରେ କରାଯାଇଛି।



ହୋଇଥିବାରୁ ସେଠାରେ ପ୍ରକୃତି ବିଷୟରେ ଜାଣିବା ପାଇଁ ଏକାଧିକ ପୁସ୍ତକ ରଖାଯାଇଛି। ଲୋକମାନେ ବୁଲାବୁଲି କରିବାକୁ ଆସି ବହି ପଢ଼ିବାର ସୁଯୋଗ ପାଉଛନ୍ତି। ପିଲାଠାରୁ ବଡ଼ମାନଙ୍କ ପର୍ଯ୍ୟନ୍ତ ସମସ୍ତେ ପଢ଼ିବା ଭଳି ପୁସ୍ତକ ଏଠାରେ ରଖାଯାଇଛି। ବିଶେଷକରି ପକ୍ଷୀ, ପଶୁ ଓ ଗଛକୁ ନେଇ ଲେଖାଯାଇଥିବା ନିର୍ଦ୍ଦିଷ୍ଟ ପୁସ୍ତକକୁ ଏଠାରେ ସ୍ଥାନିତ କରାଯାଇଛି। ଯେଉଁଥିରେ ପାଠକ ପ୍ରକୃତି ସହ ପଶୁ, ପକ୍ଷୀମାନଙ୍କ ବିଷୟରେ ଜାଣିପାରିବେ। ଏହାସହ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଉପନ୍ୟାସ, ଗଳ୍ପ ଆଦି ରଖାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାଠକଙ୍କୁ ଆକୃଷ୍ଟ କରିବାର ଅନୁଭୂତି ପୁସ୍ତକଗୁଡ଼ିକୁ ଏହି ସବୁ ସ୍ଥାନରେ ରଖାଯାଉଛି। ଫଳରେ ଜଣେ ବ୍ୟକ୍ତି ପୁସ୍ତକ ପଢ଼ିବା କିମ୍ବା ମୁଖବନ୍ଧରୁ ମଧ୍ୟ ବହିଟି ପ୍ରତି ଆକୃଷ୍ଟ ହୋଇ ସମ୍ପୂର୍ଣ୍ଣ ବିଷୟକୁ ପଢ଼ିବ। ଏହାଦ୍ୱାରା ନୂତନ ପାଠକ ସୃଷ୍ଟିର ପ୍ରୟାସ ସଫଳ ହୋଇପାରିବ।

ଏ ସମ୍ପର୍କରେ ବକୁଳ ଫାଉଣ୍ଡେସନ୍‌ର ମୁଖ୍ୟ ସୁଜିତ୍ ମହାପାତ୍ର କହିଛନ୍ତି, ୨୦୦୭ରୁ ବକୁଳ ପାଠାଗାର ଆରମ୍ଭ ହୋଇଛି। ଲୋକଙ୍କ ଭିତରେ ବହି ପଢ଼ିବାର ଆଗ୍ରହ ସୃଷ୍ଟି କରିବା ଓ ନୂଆ ପାଠକ ସୃଷ୍ଟି କରିବା ହେଉଛି ଆମ ପାଠାଗାରର ମୂଳ ଲକ୍ଷ୍ୟ। ଯେଉଁ ସ୍ଥାନରେ ଅଧିକ ଲୋକଙ୍କ ସମାଗମ ହେଉଛି, ଆମେ ସେହି ସ୍ଥାନରେ ବହି ରଖିଛୁ। ଯେମିତିକି ଏକାମ୍ର ହାଟ, କଳାଭୂମି, କାଫେ-୧୬ ଆଦି ସ୍ଥାନରେ ବହି ରଖି ବର୍ତ୍ତମାନର ଯୁବବର୍ଗଙ୍କୁ ବହି ପ୍ରତି ଆକୃଷ୍ଟ କରିବାକୁ ଚେଷ୍ଟା କରୁଛୁ। ସରକାର ଆମ ସହ ମିଶି ଏହି ପ୍ରୟାସକୁ ଆଗେଇ ନେଉଛନ୍ତି, ଯାହା ବେଶ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି। ଏ ନେଇ ବିଡିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବର୍ତ୍ତମାନ ସମୟର ଯୁବପିଢ଼ି ପଥଭ୍ରଷ୍ଟ ଓ ଧୈର୍ଯ୍ୟଚ୍ୟୁତି ହେଉଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଲୋକମାନଙ୍କୁ ପଢ଼ିବା ପାଇଁ ପ୍ରେରିତ କରିବାକୁ ଆମେ ଏହି ପ୍ରୟାସ କରିଛୁ। ଲୋକମାନେ ମଧ୍ୟ ଏହି ପ୍ରୟାସକୁ ପ୍ରଶଂସା କରିବା ସହ ବେଶ ଆଗ୍ରହ ସୃଷ୍ଟି କରୁଛନ୍ତି।

## ବାଲିଯାତ୍ରାକୁ ୟୁନେସ୍କୋ ଐତିହ୍ୟ ମାନ୍ୟତା ପାଇଁ କମିଟି

**କଟକ, ୨୧।୩(ସମିସ):** କଟକର ଐତିହାସିକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ନିମନ୍ତେ ଗୁରୁବାର ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାକୁ ୟୁନେସ୍କୋ ଐତିହ୍ୟ ମାନ୍ୟତା ପ୍ରଦାନ ନିମନ୍ତେ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ କମିଟି ଗଠନ କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, କଟକ ମହାନଗର ନିଗମ ଡେପୁଟି କମିଶନର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଡେପୁଟି କଲେକ୍ଟର ଦୋଳଗୋବିନ୍ଦ ସାହୁ, ଜାତିସଂଘ ଭାରତୀୟ ମହାସଂଘର ଜାତୀୟ କାର୍ଯ୍ୟକାରୀ ସଦସ୍ୟ ଡକ୍ଟର ଦ୍ୱିପାୟନ ପଟ୍ଟନାୟକ ସଦସ୍ୟ ରହିବେ।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ କବିତା ଦିବସ




ଭୁବନେଶ୍ୱର, ୨୧।୩(ସମିସ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ବିଶ୍ୱ କବିତା ଦିବସ' ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା କବି ରଞ୍ଜନ କୁମାର ଦାସ ଉଦ୍‌ଘାଟକ ଭାବେ ଯୋଗଦେଇ ହୃଦୟକୁ ଛୁଇଁପାରୁଥିବା କବିତା ବହୁ ଅସମାହିତ ପ୍ରଶ୍ନର ଉତ୍ତର ଦେଇପାରେ ଓ କବିତାକୁ ନେଇ ଆଭିମୁଖ୍ୟ ବଦଳିବା ଦରକାର ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ କବି ରକ୍ଷକ ନାୟକ କବିତା ମାଧ୍ୟମରେ ମଣିଷର ଆବେଗ ଓ ଉଦ୍‌ବେଳନ ପ୍ରକାଶିତ ହୁଏ ବୋଲି କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା କବି ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବିତା ସବୁବେଳେ ସରଳ ସାଧନା ଜରିଆରେ କବିକୁ ଇନ୍ଦ୍ରଧନୁର ଅଷ୍ଟମ ରଙ୍ଗ ସହ ପରିଚୟ କରାଇଥାଏ ବୋଲି କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଶିକ୍ଷାବିତ୍, କବି ତଥା ସମାଲୋଚକ ଡ. ଦିଲୀପ କୁମାର ସ୍ୱାଇଁ, କୁଳପତି ପ୍ରସନ୍ନ କୁମାର ସ୍ୱାଇଁ, କୁଳସଚିବ ଅନାମିକା ଅଧିକାରୀ ପ୍ରମୁଖ ବିଶ୍ୱକବିତା ଦିବସର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ଜ୍ଞାନ ରଞ୍ଜନ ପଣ୍ଡା ପରିଚାଳନା କରିଥିଲେ ଏବଂ ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

